# ସଚେତନତା ପୁସ୍ତିକା
# AWARENESS BOOKLET

## ନାଗରିକ ଅଧିକାର ସୁରକ୍ଷା ଆଇନ (୧୯୫୫)

**(Protection of Civil Right Act- 1955)**

ଏବଂ

## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ନିର୍ଯ୍ୟାତନା ନିବାରଣ ଆଇନ (୧୯୯୫)

**(Prohibition of Atrocity Act - 1995)**

ପ୍ରକାଶକ -

**ଶକ୍ତି ଶିଖା**

ଡେ଼ଭେଲପ୍‌ମେଣ୍ଟ ସୋସାଇଟି

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର

# ସବୁ ମଣିଷ ସମାନ

## ଅସ୍ପୃଶ୍ୟତା, ଜାତିଗତ ତଥା ଛୁଆଁ ଅଛୁଆଁ ଭେଦଭାବ ଏକ ସାମାଜିକ ଅପରାଧ ।

ଛୁଆଁ ଅଛୁଆଁ ଭେଦଭାବକୁ ସଂପୂର୍ଣ୍ଣରୂପେ ବିଲୋପ କରାଯାଇଛି । ଏହାର କୌଣସି ପ୍ରକାର ପ୍ରଚଳନକୁ ସଂପୂର୍ଣ୍ଣ ନିଷେଧ କରାଯାଇଛି । ଅନୁସୂଚିତ ଜନଜାତି ଓ ଜାତି ସଂପ୍ରଦାୟର ଲୋକମାନଙ୍କ ବିରୁଦ୍ଧରେ କରାଯାଇଥିବା ନିର୍ଯ୍ୟାତନା ଓ ଅପରାଧ ଗୁଡ଼ିକର ନିବାରଣ କରିବା ଓ ଜାତି ଆଧାରିତ ବୈଷମ୍ୟ ରୋକିବା ପାଇଁ ଅନୁସୂଚିତ ଜାତି ଓ ଜନଜାତି ନିର୍ଯ୍ୟାତନା ନିବାରଣ ଆଇନ ୧୯୮୯ ଓ ନିୟମ ୧୯୯୫ ଏବଂ ନାଗରିକ ଅଧିକାର ସୁରକ୍ଷା ଆଇନ ୧୯୫୫ ରେ ନିର୍ଯ୍ୟାତିତ ବ୍ୟକ୍ତିମାନଙ୍କ ପାଇଁ ଉପଯୁକ୍ତ ସୁବିଧା ସୁଯୋଗ ତଥା ଦୋଷୀମାନଙ୍କ ପାଇଁ କଠୋର ଦଣ୍ଡର ବ୍ୟବସ୍ଥା କରାଯାଇଛି ।

**ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଯେଉଁ ବ୍ୟକ୍ତି ଅସ୍ପୃଶ୍ୟତା କାରଣ ହେତୁ କୌଣସି ବ୍ୟକ୍ତି ବିରୁଦ୍ଧରେ -**

୧) କୌଣସି ଦୋକାନ ସର୍ବସାଧାରଣ ଜଳଖିଆ ଦୋକାନ, ହୋଟେଲ ବା ଲୋକ ଚିତ୍ତ ବିନୋଦନ ସ୍ଥାନରେ ପ୍ରବେଶ କରିବା ସଂପର୍କରେ, ସର୍ବସାଧାରଣ ପୁଷ୍କରଣୀ, ନଦୀ, କୂପ, ଝରଣା ବ୍ୟବହାର କରିବା, ଶ୍ମଶାନ ବା କବରସ୍ଥାନ, କୌଣସି ଶୌଚସ୍ଥାନ, ମନ୍ଦିର, ସର୍ବସାଧାରଣ ଯାନବାହାନର ବ୍ୟବହାର ବା ତନ୍ମଧ୍ୟରେ ପ୍ରବେଶାଧିକାର, କୌଣସି ସାମାଜିକ ବା ସାଂସ୍କୃତିକ ଶୋଭାଯାତ୍ରାରେ ଯୋଗ ଦେବାରେ ବାଧା କରନ୍ତି ସେ ସର୍ବନିମ୍ନ ଏକ ମାସ ଏବଂ ସର୍ବାଧିକ ଛଅମାସ ପର୍ଯ୍ୟନ୍ତ କାରାବାସରେ ଏବଂ ଏକଶତରୁ ପାଞ୍ଚଶତ ପର୍ଯ୍ୟନ୍ତ ଟଙ୍କା ଜୋରିମାନାରେ ଦଣ୍ଡିତ ହେବେ ।

୨) ଯଦି କୌଣସି ହାସପାତାଲ, ଚିକିତ୍ସାଳୟ, ଶିକ୍ଷାସଂସ୍ଥା ବା ଛାତ୍ରାବାସରେ କୌଣସି ବ୍ୟକ୍ତିଙ୍କୁ ଭର୍ତ୍ତି କରିବା ପାଇଁ ମନା କରନ୍ତି, ସର୍ବସାଧାରଣ କାରବାର କ୍ରମରେ ମାଲ୍ ବିକ୍ରୟ ବା କାର୍ଯ୍ୟ ସଂପାଦନ କରିବାକୁ ମନା କରନ୍ତି ।

୩) କଥିତ ବା ଲିଖିତ ଶବ୍ଦ ଦ୍ୱାରା କିମ୍ବା ସଂକେତ ଦ୍ୱାରା କିମ୍ବା ଦୃଶ୍ୟମାନ ଇଙ୍ଗିତ ଦ୍ୱାରା ଅନୁସୂଚିତ ଜନଜାତି ଓ ଜାତିର ସଦସ୍ୟଙ୍କୁ ଅସ୍ପୃଶ୍ୟତା କାରଣ ହେତୁ ଅପମାନ ଦିଅନ୍ତି ।

୪) ଯେଉଁ ବ୍ୟକ୍ତି ଅସ୍ପୃଶ୍ୟତା କାରଣ ହେତୁ କୌଣସି ବ୍ୟକ୍ତିଙ୍କୁ ମେହେନ୍ତର କାମ ବା ଝାଡୁଦାର କାମ କରିବାକୁ ବା କୌଣସି ମଢ଼ା ଉଠାଇବାକୁ ବାଧ୍ୟ କରନ୍ତି ତେବେ ସେ ସର୍ବନିମ୍ନ

ଏକମାସ ଏବଂ ସର୍ବାଧିକ ଛଅମାସ ପର୍ଯ୍ୟନ୍ତ କାରାବାସରେ ଏବଂ ଏକଶତରୁ ପାଞ୍ଚଶତ ପର୍ଯ୍ୟନ୍ତ ଟଙ୍କା ଜୋରିମାନାରେ ଦଣ୍ଡନୀୟ ହେବେ ।

## ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିବାରଣ ଆଇନ ୧୯୯୫ ଅନୁଯାୟୀ

୧) ଯଦି କେହି ଘୃଣ୍ୟ ପଦାର୍ଥ ବାଧ୍ୟ କରି ଖୁଆଏ, ଯୌନ ନିର୍ଯ୍ୟାତନା ଦିଏ, ବେଠି ଖଟାଏ, ସର୍ବସାଧାରଣ ସ୍ଥାନକୁ ଯିବା ନିମନ୍ତେ ବଞ୍ଚିତ କରେ, ଆର୍ଥିକ ତଥା ସାମାଜିକ ଉତ୍ପୀଡନ କରେ, ମରଣାତ୍ମକ ଆକ୍ରମଣ କରେ, ଘରପୋଡି ଦିଏ, ଭୋଟ ନଦେବା ପାଇଁ ବା ଜଣେ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଧମକ ଦିଏ, ଲୋକଙ୍କ ବିରୁଦ୍ଧରେ ମିଥ୍ୟା, ଈର୍ଷାମୂଳକ ବା ହଇରାଣ କଲାଭଳି ମକଦମା ଦାୟର କରେ ତେବେ ସେ ସର୍ବନିମ୍ନ ଛଅମାସ ଓ ସର୍ବାଧିକ ପାଞ୍ଚବର୍ଷ ଯାଏଁ ଜେଲ ସହିତ ଜୋରିମାନା ଦଣ୍ଡରେ ଦଣ୍ଡିତ ହେବେ ।

୨) ଲୋକଙ୍କ ସଂପତ୍ତିକୁ ନଷ୍ଟ କରିବା ଉଦ୍ଦେଶ୍ୟ ରଖି ନିଆଁ ବା କୌଣସି ବିସ୍ଫୋରକ ଦ୍ରବ୍ୟ ଦ୍ୱାରା ଅନିଷ୍ଟ ଘଟାନ୍ତି ତେବେ ସେ ଛଅମାସରୁ ସାତବର୍ଷ ଯାଏଁ ଜେଲ୍ ସହିତ ଜୋରିମାନା ଦଣ୍ଡରେ ଦଣ୍ଡିତ ହେବେ ।

୩) ଜଣେ ସରକାରୀ କର୍ମଚାରୀ ହୋଇ ଯିଏକି ଅନୁସୂଚିତ ଜାତି ଓ ଜନଜାତି ଲୋକ ହୋଇ ନଥିବେ ଆବଶ୍ୟକ ହେଉଥିବା ନିଜ କର୍ତ୍ତବ୍ୟ ପାଳନରେ ଜାଣିଶୁଣି ଅବହେଳା କରେ ସେ ଛଅମାସରୁ ଏକ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡରେ ଦଣ୍ଡିତ ହେବେ ।

## ନିର୍ଯ୍ୟାତିତ ବ୍ୟକ୍ତି ପାଇଁ ଉପଲବ୍ଧ ଥିବା ସୁବିଧା ସୁଯୋଗ

ଅନୁସୂଚିତ ଜାତି ଓ ଜନଜାତି ନିର୍ଯ୍ୟାତନା ନିବାରଣ ଆଇନ ୧୯୯୮ ୯ ଓ ନିୟମ ୧୯୯୫ ଅନୁଯାୟୀ ନିର୍ଯ୍ୟାତିତ ବ୍ୟକ୍ତିଙ୍କ ପାଇଁ ନିମ୍ନଲିଖିତ ସୁବିଧା ସୁଯୋଗର ବ୍ୟବସ୍ଥା କରାଯାଇଛି ।

୧) ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ନିର୍ଯ୍ୟାତିତ ବ୍ୟକ୍ତି ନିକଟସ୍ଥ ପୋଲିସ୍ ଅଧିକାରୀ, ଜିଲ୍ଲା ମଂଗଳ ଅଧିକାରୀ, ଉପଜିଲ୍ଲାପାଳ, ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ବ୍ୟକ୍ତିଗତ ବା ଲିଖିତ ଭାବେ ଅଭିଯୋଗ କରିପାରିବେ ।

୨) ଯଦି ଅପରାଧ ଏହି ଅଧିନିୟମ ଅନ୍ତର୍ଗତ ହୋଇଥାଏ ଏବଂ ଅପରାଧର ପ୍ରତ୍ୟେକ ସୂଚନାକୁ ମୌଖିକ ଭାବେ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ପ୍ରଦାନ କରାଯାଏ, ତେବେ ଭାରପ୍ରାପ୍ତ ଅଧିକାରୀ ଏହାକୁ ନିଜେ ଲିପିବଦ୍ଧ କରିବେ ବା ତାଙ୍କ ନିର୍ଦ୍ଦେଶରେ ଅନ୍ୟ କେହି

ଏହାକୁ ଲିପିବଦ୍ଧ କରିବେ ଏବଂ ତାହାର ସାରାଂଶ ସେହି ଥାନାରେ ଅନୁସରଣ କରାଯାଉଥିବା ଏକ ଖାତାରେ ଲିଖିତ ଆକାରରେ ସ୍ଥାନ ପାଇବ ।

୩) ଏହି ସୂଚନାର ଏକ ନକଲ, ଯାହା ସବ୍‌ରୁଲ (୧) ଅନୁଯାୟୀ ନଥିଭୁକ୍ତ ହୋଇଥିବ ତାହା ବିନା ମୂଲ୍ୟରେ ସୂଚନା ପ୍ରଦାନକାରୀଙ୍କୁ ତତ୍‌କ୍ଷଣାତ୍ ପ୍ରଦାନ କରାଯିବ ।

୪) ଯଦି କୌଣସି ଥାନାର ଭାରପ୍ରାପ୍ତ ଅଧିକାରୀ ଏହି ସୂଚନାକୁ ଏହି ଅଧିନିୟମ ଅନୁଯାୟୀ ନଥିଭୁକ୍ତ ନକରନ୍ତି ଏବଂ ସୂଚନା ପ୍ରଦାନକାରୀ ଏଥିରେ ବ୍ୟଥିତ ହୁଅନ୍ତି, ତେବେ ଏହି ସୂଚନାର ସାରାଂଶ ଲିପିବଦ୍ଧ କରି ଡ଼ାକ ମାଧ୍ୟମରେ ସେହି ଅଞ୍ଚଳର ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ପଠାଇ ପାରିବେ । ସଂପୃକ୍ତ ଆରକ୍ଷକ ସ୍ତରର ଜଣେ ପୋଲିସ ଅଫିସରଙ୍କ ଦ୍ୱାରା ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଉପରୋକ୍ତ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ଉକ୍ତ ସୂଚନାଗୁଡ଼ିକୁ ସଂପୃକ୍ତ ଥାନାର ଖାତାରେ ନଥିଭୁକ୍ତ କରିବା ପାଇଁ ଲିଖିତ ଆକାରରେ ଆଦେଶ ଦେବେ ।

୫) ନିର୍ଯ୍ୟାତିତ ବ୍ୟକ୍ତିଙ୍କୁ ତଦନ୍ତ / ଶୁଣାଣୀ ବେଳେ ଗସ୍ତ ଖର୍ଚ୍ଚ, ଦୈନିକ ଭତ୍ତା ତଥା ଖାଦ୍ୟ ଖର୍ଚ୍ଚ ଦେବାର ବ୍ୟବସ୍ଥା କରାଯାଇଛି ।

୬) ନିର୍ଯ୍ୟାତିତ ବ୍ୟକ୍ତିଙ୍କ ନିଜ ଘରଠାରୁ ଦୂରରେ ହେଉଥିବା ସମସ୍ତ ତଦନ୍ତ ପାଇଁ ନିର୍ଯ୍ୟାତିତ ବ୍ୟକ୍ତି ନିଜେ / ତାଙ୍କର ସହାୟକ / ତାଙ୍କ ଉପରେ ନିର୍ଭରଶୀଳ କିମ୍ବା ଆଶ୍ରିତ ବ୍ୟକ୍ତି / ସାକ୍ଷୀମାନେ ଏହିସବୁ ଖର୍ଚ୍ଚ ତଦନ୍ତ / ଶୁଣାଣୀର ପ୍ରଥମ ଦିନଠାରୁ ପାଇପାରିବେ ।

୭) ଏହି ନିୟମ ଅନ୍ତର୍ଗତ ମୋକଦ୍ଦମା ଚାଲୁଥିବା ସମୟରେ ଯଦି ନିର୍ଯ୍ୟାତିତ ବ୍ୟକ୍ତି, ସାକ୍ଷୀ, ତାଙ୍କ ଅନୁଗାମୀ ପୁରୁଷ ବା ମହିଳା ଏବଂ ସହାୟକମାନେ ସେମାନଙ୍କର ବାସସ୍ଥାନ ଠାରୁ ଦୂରରେ ରହନ୍ତି, ତେବେ ରାଜ୍ୟ ସରକାରଙ୍କ ଦ୍ୱାରା କୃଷି ଶ୍ରମିକମାନଙ୍କ ପାଇଁ ସ୍ୱୀକୃତ ଦୈନିକ ସର୍ବନିମ୍ନ ମଜୁରୀ ସେମାନଙ୍କର ଦୈନିକ ଭରଣପୋଷଣ ଖର୍ଚ୍ଚ ବାବଦକୁ ଦିଆଯିବ ।

୮) ନିର୍ଯ୍ୟାତିତ ବ୍ୟକ୍ତି ଜିଲ୍ଲା ମାଜିଷ୍ଟ୍ରେଟ କିମ୍ବା କୌଣସି ଭାରପ୍ରାପ୍ତ ଅଧିକାରୀଙ୍କ ନିକଟକୁ କିମ୍ବା ସତନ୍ତ୍ର କୋର୍ଟକୁ ଆସିଥିବେ, ସେହି ଦିନ ମାନଙ୍କରେ ଯାତାୟାତ ଖର୍ଚ୍ଚ, ଦୈନିକ ଭତ୍ତା, ଭରଣପୋଷଣ ଖର୍ଚ୍ଚ ଏବଂ ପରିବହନ ସୁବିଧାର ପ୍ରତିପୂରଣ ଖର୍ଚ୍ଚ ତୁରନ୍ତ କିମ୍ବା ଅଧିକରୁ ଅଧିକ ତିନିଦିନ ମଧ୍ୟରେ ଅର୍ଥ ଆକାରରେ ସେମାନଙ୍କୁ ପ୍ରଦାନ କରାଯିବ ।

୩)  ଜମିରେ ଜବରଦସ୍ତି ଚାଷ କଲେ ବା ତାଙ୍କୁ ଅନୁଚିତ କାର୍ଯ୍ୟରେ ଲଗାଇଲେ ତେବେ କୋର୍ଟରେ ଚାର୍ଜସିଟ ଦାଖଲ ହେବା ସମୟରେ ୨୫,୦୦୦ ଟଙ୍କା ବା ତଦୂର୍ଦ୍ଧ ରାଶିର ସହାୟତା ମିଳିପାରିବ ।

୪)  ବାଧ କରି ଗୋଟି ଶ୍ରମିକ ଭାବେ ଖଟାଏ ବା ଭିକ୍ଷା ମାଗିବାକୁ ବାଧ କରେ ତେବେ ୨୫,୦୦୦ ଟଙ୍କା ବା ତଦୂର୍ଦ୍ଧ ରାଶିର ସହାୟତା ମିଳିପାରିବ । ଯାହାର ୨୫ ଭାଗ ଥାନାରେ ଲିଖିତ ଅଭିଯୋଗ ଦେଲା ମାତ୍ରେ ଓ ୭୫ ଭାଗ କୋର୍ଟରେ ଦୋଷ ସାବ୍ୟସ୍ତ ହେଲାପରେ ମିଳିପାରିବ ।

୫)  ମିଛ ମାଲି ମୋକଦମାରେ ଫସାଏ ତାହାଲେ କୋର୍ଟରେ ରାୟ ସରିଲା ପରେ ୨୫,୦୦୦/- ଟଙ୍କା ପର୍ଯ୍ୟନ୍ତ କୋର୍ଟ ଖର୍ଚ୍ଚ ଓ କ୍ଷତି ପୂରଣ ବାବଦକୁ ପାଇପାରିବେ ।

୬)  କୌଣସି ଅନୁସୂଚିତ ଜନଜାତି ବା ଜାତି ବର୍ଗର ମହିଳାଙ୍କ ସମ୍ମାନର କ୍ଷୁର୍ଣ୍ଣ କଲେ ୫୦,୦୦୦/- ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି, ଯାହାର ୫୦ ଭାଗ ଡ଼ାକ୍ତରୀ ପରୀକ୍ଷା ପରେ ଏବଂ ବାକି ୫୦ ଭାଗ କୋର୍ଟରେ ଦୋଷୀ ସାବ୍ୟସ୍ତ ହେଲାପରେ ମିଳିପାରିବ ।

୭)  ବିରୁଦ୍ଧରେ ମିଛ ସାକ୍ଷୀ ପ୍ରଦାନ କରେ, ତାହାଲେ ୧,୦୦,୦୦୦/- ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି, ଯାହାର ୫୦ ଭାଗ ଚାର୍ଜସିଟ୍ ଦାଖଲ  ସମୟରେ ଓ ବାକି ୫୦ ଭାଗ କୋର୍ଟରେ ଦୋଷ ସାବ୍ୟସ୍ତ ହେଲାପରେ ମିଳିପାରିବ ।

୮)  ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଲୋକମାନେ କୌଣସି ସରକାରୀ କର୍ମଚାରୀଙ୍କ ଦ୍ୱାରା ନିର୍ଯ୍ୟାତିତ ହେଲେ ତାଙ୍କର ସମସ୍ତ କ୍ଷତିପୂରଣ ଯାହାର ୫୦ ଭାଗ ଚାର୍ଜସିଟ୍ ଦାଖଲ ପରେ ଓ ବାକି ୫୦ ଭାଗ କୋର୍ଟରେ ଦୋଷୀ ସାବ୍ୟସ୍ତ ହେଲାପରେ ପାଇପାରିବେ ।

୯)  ଯଦି ନିର୍ଯ୍ୟାତନାର ଶିକାର ବ୍ୟକ୍ତି ଜଣଙ୍କ ସଂପୂର୍ଣ୍ଣ ଅକ୍ଷମ ବା ଅସମର୍ଥ ହୋଇଗଲେ ବା ତାଙ୍କର ମୃତ୍ୟୁ ଘଟେ ତେବେ ସେ ଯଦି ପରିବାରର ରୋଜଗାରକ୍ଷମ ବ୍ୟକ୍ତି ହୋଇ ନଥାନ୍ତି ତାଙ୍କ ପରିବାରକୁ ୧,୦୦,୦୦୦/- ଟଙ୍କାର ସହାୟତା ରାଶି ଯାହାର ୫୦ ଭାଗ ଥାନାରେ ଲିଖିତ ଅଭିଯୋଗ ହେଲାପରେ, ୨୫ ଭାଗ କୋର୍ଟରେ ଚାର୍ଜସିଟ୍ ଦାଖଲ ହେଲାପରେ ଓ ବାକି ୨୫ ଭାଗ କୋର୍ଟରେ ଦୋଷ ସାବ୍ୟସ୍ତ ହେଲାପରେ ମିଳିପାରିବ ।

ଯଦି ନିର୍ଯ୍ୟାତନାର ଶିକାର ହୋଇଥିବା ବ୍ୟକ୍ତି ଜଣକ ପରିବାରର ରୋଜଗାର କ୍ଷମ ବ୍ୟକ୍ତି ହୋଇଥାନ୍ତି ତେବେ ପରିବାରକୁ ୨,୦୦,୦୦୦/- ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ମିଳିପାରିବ ।

୧୦) ଯଦି ନିର୍ଯ୍ୟାତନାର ଶିକାର ବ୍ୟକ୍ତିଙ୍କ ଘର ଜାଳି ଦିଆଯାଇଥାଏ, ତେବେ ସରକାରୀ ଖର୍ଚ୍ଚରେ ତାଙ୍କୁ ଏକ ବାସପଯୋଗୀ ଘର ଯୋଗାଇ ଦିଆଯିବ ।

ଓଡ଼ିଶା ସରକାର ଓ ଭାରତ ସରକାରଙ୍କ ମିଳିତ ଉଦ୍ୟମରେ ଛୁଆଁ ଅଛୁଆଁ ଭେଦଭାବ ଓ ଅସ୍ପୃଶ୍ୟତାକୁ ସଂପୂର୍ଣ୍ଣ ବିଲୋପ କରାଯାଇଛି । ଏହି ବ୍ୟବସ୍ଥାରେ ନିର୍ଯ୍ୟାତିତ ବ୍ୟକ୍ତି ମାଗଣାରେ ଆଇନ ସହାୟତା ପ୍ରଦାନ କରିବା ପାଇଁ ସମସ୍ତ ବ୍ଲକରେ ଆଇନ ସହାୟତା କେନ୍ଦ୍ର ମାନ ଖୋଲାଯାଇ ଆଇନଜୀବୀମାନଙ୍କୁ ନିଯୁକ୍ତି ଦିଆଯାଇଛି ।

ତଫସିଲଭୁକ୍ତ ଜାତି ଓ ଜନଜାତି ବ୍ୟକ୍ତିଙ୍କୁ ଏହି କେନ୍ଦ୍ର ସଂପୂର୍ଣ୍ଣ ମାଗଣାରେ ଆଇନ ସହାୟତା ଯୋଗାଇ ଦେଉଛି ।

ସବର୍ଣ୍ଣ ଓ ଅସବର୍ଣ୍ଣ ବିବାହକୁ ପ୍ରୋତ୍ସାହନ ଦେବା ପାଇଁ ସରକାରଙ୍କ ତରଫରୁ ସବର୍ଣ୍ଣ ଅସବର୍ଣ୍ଣ ବିବାହିତ ଦମ୍ପତିଙ୍କୁ ୫୦,୦୦୦ (ପଚାଶ ହଜାର) ଟଙ୍କାର ସହାୟତା ରାଶି ପ୍ରଦାନ କରୁଛନ୍ତି । ଆଜିର ଯୁବକ ଯୁବତୀମାନେ ଏହାର ଲାଭ ନେବାକୁ  ଅନୁରୋଧ ।

**ନିର୍ଯ୍ୟାତିତ ବ୍ୟକ୍ତିମାନେ ସେମାନଙ୍କ ଅଭିଯୋଗ ସଂଯୋଗ ହେଲପ ଲାଇନ ନମ୍ବର - ୧୫୫୩୩୫ / ଦେୟମୁକ୍ତ ନମ୍ବର - ୧୮୦୦୩୪୫୬୭୭୦ ମାଧ୍ୟମରେ ମଧ୍ୟ କରିପାରିବେ ।**

ଭଗବାନଙ୍କ ସୃଷ୍ଟିରେ ସବୁ ମଣିଷ ସମାନ, ଆମେ ସମସ୍ତେ ଭାଇ ଭାଇ, ଆସନ୍ତୁ ଛୁଆଁ ଅଛୁଆଁ ଭେଦଭାବ ଓ ଅସ୍ପୃଶ୍ୟତାକୁ ଦୂର କରି ସମସ୍ତେ ଏକ ହୋଇ ଦେଶର ବିକାଶ ଓ ଗଠନରେ ସହାୟତା କରିବା ......

ନିବେଦକ- ଶାନ୍ତଶିଖା

ଡାହାଣୀ ପରମ୍ପରା ଏକ ଅନ୍ଧବିଶ୍ୱାସ ଓ କୁସଂସ୍କାର ଏହା ଏକ ମନଗଢା କାହାଣୀ, ଲୋକ କଥା, ମନଗଢା କାହାଣୀ ଓ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଡ଼ାହାଣୀ ସନ୍ଦେହରେ କାହାକୁ ଶାରିରୀକ, ମାନସିକ ତଥା ସାମାଜିକ ନିର୍ଯ୍ୟାତନା ଦିଅନ୍ତୁ ନାହିଁ ବା ହତ୍ୟା କରନ୍ତୁ ନାହିଁ - ଏହା ଆଇନଗତ ଏକ ଜଘନ୍ୟ ଅପରାଧ । ଏହିପରି ଜଘନ୍ୟ ଅପରାଧ କରି ନିଜର ତଥା ଅନ୍ୟ କୌଣସି ଲୋକର ଜୀବନକୁ ନଷ୍ଟ କରନ୍ତୁ ନାହିଁ ।

**ଲେଖା ପ୍ରସ୍ତୁତି ଅଳଙ୍କରଣ (Content Preparation & Design) -**

**ଶ୍ରୀ ତୁଷାର କାନ୍ତ ବେହେରା**
ସମାଜ ବିଜ୍ଞାନୀ ତଥା ମାନବ ଅଧିକାର ଓ ସୂଚନା କର୍ମୀ

**ପରିକଳ୍ପନା (Concept) -**

**ସୁଶ୍ରୀ ମଧୁସ୍ମିତା ମହାପାତ୍ର**
ଜିଲ୍ଲା ମଙ୍ଗଳ ଅଧିକାରୀ, ମୟୂରଭଞ୍ଜ

**ପ୍ରକାଶକ (Publisher) -**

**ସୁଶ୍ରୀ ଲକ୍ଷ୍ମୀପ୍ରିୟା ଦଣ୍ଡପାଟ**
ସଂପାଦିକା, ଶକ୍ତି ଶିଖା ଡ଼େଭେଲପ୍‌ମେଣ୍ଟ ସୋସାଇଟି, ବାରିପଦା

ସଚେତନତା ବିବରଣୀ ନିମନ୍ତେ -
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାରଙ୍କ ସହାୟତାରେ
**ଶକ୍ତି ଶିଖା ଡ଼େଭେଲପ୍‌ମେଣ୍ଟ ସୋସାଇଟି, ବାରିପଦା**
ଦ୍ୱାରା ପ୍ରକାଶିତ

ଅଧିକ ବିବରଣୀ ନିମନ୍ତେ ଯୋଗାଯୋଗ -
ଦୂରଭାଷ : ୦୬୭୯୨-୨୬୦୩୪୭
ଇମେଲ ଠିକଣା - saktisikha@gmail.com
www.reformindia.org.in